**OBSERVATION OF UTKAL DIWAS**
**SARBATI DEVI WOMEN'S COLLEGE, RAJGANGPUR**

ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ୮୮ ତମ ସ୍ୱତନ୍ତ୍ର ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ଅଦ୍ୟ ତା ୦୧/୦୪/୨୦୨୪ ରିଖ ଦିନ ସମୟ ଠିକ୍ ୧୦.୦୦ ଘଟିକା ରେ ମହାବିଦ୍ୟାଳୟରେ ରାଜ୍ୟ ସଙ୍ଗୀତ " ବନ୍ଦେ ଉତ୍କଳ ଜନନୀ " ସାମୂହିକ ଭାବେ ଗାନ କରାଯାଇ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ୍ ଚୌଧୁରୀ, ସମ୍ମାନିତ ଅତିଥି ଗଣଶିକ୍ଷା ବିଭାଗର ଅବସରପ୍ରାପ୍ତ ସଂଯୁକ୍ତ ସଚିବ ଶ୍ରୀଯୁକ୍ତ ସରୋଜ ଦାସ , ମୁଖ୍ୟ ବକ୍ତା ରାଉରକେଲା , ମ୍ୟୁନସିପାଲ ମହାବିଦ୍ୟାଳୟର ଅଧକ୍ଷ ଡ଼ ସନାତନ ପ୍ରଧାନ , ମହାବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ଡ଼ କମଳ କୁମାରୀ ମିଶ୍ର , ସଭାପତି ଗଜେନ୍ଦ୍ର ଦେହୁରୀ ଏବଂ ସଦସ୍ୟା ଡ଼ ସରୋଜିନୀ ସାହୁ ତଥା ମହାବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନର ଅଧାପିକା ଡ଼ କୌଶଲ୍ୟା ଅଗ୍ରୱାଲ ମହାଶୟା ଯୋଗଦାନ କରି ଓଡିଶାର ବରପୁତ୍ର ମାନଙ୍କ ଫଟୋଚିତ୍ରରେ ଫୁଲ ଅର୍ପଣ କରିବା ସହ ଛାତ୍ରୀଙ୍କୁ ଓଡିଆ ଭାଷାକୁ ଭଲ ପାଇବା ସହିତ ଭାଷାର ବିକାଶ ଦେଶର ଉନ୍ନତି ଦିଗରେ କାର୍ଯ୍ୟ କରିବା ପାଇଁ ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଓଡ଼ିଆ ବିଭାଗୀୟ ମୁଖ୍ୟ ଡ଼ ସରିତା କିଣ୍ଡୋ , IQAC ସଂଯୋଜକ ଶ୍ରୀଯୁକ୍ତ ସପନ କୁମାର ପଣ୍ଡା ମହାଶୟ ତଥା ସମ୍ମାନିତ ଅତିଥି ଏବଂ ମୁଖ୍ୟ ବକ୍ତା ଓଡିଶାର ସଂସ୍କୃତି, ଐତିହ୍ୟ ସହ ଓଡିଶାର ବରପୁତ୍ର ମାନଙ୍କର ତ୍ୟାଗ, ବଳିଦାନ କଥା କହି ଓଡିଆ ବୋଲି ଗୌରବାନିତ୍ ମନେ କରିବା ସହ ଛାତ୍ରୀଙ୍କୁ ମଧ ନିଜ ଭାଷା ଓ ରାଜ୍ୟକୁ ନେଇ ଗୌରବ କରିବା କଥା କହିଥିଲେ । ଉକ୍ତ ଦିବସ ଉପଲକ୍ଷେ ତା ୩୦/୦୩/୨୦୨୪ ରିଖ ଶନିବାର ଦିନ ଛାତ୍ରୀଙ୍କ ମଧରେ ଓଡିଶାର ସଂସ୍କୃତି, ଐତିହ୍ୟ ଉପରେ ପ୍ରବନ୍ଧ, ବକ୍ତୃତା , କୁଇଜ୍ , ଚିତ୍ରାଙ୍କନ , ରଙ୍ଗୋଲୀ ଏବଂ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ସେଥିରେ କୃତିତ୍ୱ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅତିଥିଙ୍କୁ ପଗଡ଼ି ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି ପବିତ୍ର ଦିବସ ଅବସରରେ ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା ମଧ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା ।






GPS Map Camera
Rajgangpur, Odisha, India
5HRG+QQV, Sriram Colony, Rajgangpur, Odisha 770017, India
Lat 22.191695°
Long 84.576954°


GPS Map C
Rajgangpur, Odisha, India
5HRH+H25, Liploi Rd, Sriram Colony, Rajgangpur, Odisha 77001
Lat 22.19138°
Long 84.577478°
01/04/24 10:42 AM GMT +05:30


GPS Map Camera
Rajgangpur, Odisha, India
5HRH+G6X, Rajgangpur, Odisha 770017, India
Lat 22.191304°
Long 84.57872°
01/04/24 10:41 AM GMT +05:30
Google


Rajgangpur, Odisha, India
5HRH+H25, Liploi Rd, Sriram Colony, Rajgangpur, Odisha
Lat 22.191491°
Long 84.577252°
01/04/24 12:49 PM GMT +05:30


Rajgangpur, Odisha, India
5HRH+H25, Liploi Rd, Sriram Colony, Rajgangpur, Odisha
Lat 22.191482°
Long 84.57713°
01/04/24 12:49 PM GMT +05:30